# ନଟୱରଭାଇ ମାଗେନଭାଇ ପଟେଲ

# ବନାମ

# କଲେକ୍ଟର ଏବଂ ଅନ୍ୟମାନେ

# ମେ 10, 1996

**[କେ. ରାମାସ୍ୱାମୀ, ଫୈଜ୍ଜାନ ଉଦ୍ଦୀନ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିବୃନ୍ଦ]**

*ସହରାଞ୍ଚଳ ଜମି (ସର୍ବାଧିକ ସୀମା ଏବଂ ନିୟନ୍ତ୍ରଣ) ଅଧିନିୟମ, 1976:*

*ଧାରା 10 (5) - ଅତିରିକ୍ତ ଖାଲି ଜମି - ସରକାରଙ୍କ ଦ୍ୱାରା ନିଆଯାଇଥିବା ଦଖଲ - କ୍ଷତିପୂରଣ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଅଧିନିୟମ ଅନୁଯାୟୀ ଏହା ଏକ ସର୍ତ୍ତ ନୁହେଁ ଯେ ଜମିର ଉପଯୋଗ ପୂର୍ବରୁ କ୍ଷତିପୂରଣ ପ୍ରଦାନ କରାଯିବ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ବିଶେଷ ଅନୁମତି ଆବେଦନପତ୍ର (ଦେୱାନୀ) ସଂଖ୍ୟା 13088/1996 ସି.ସି. ସଂଖ୍ୟା. 2297/1996 ।

ଏସ୍.ସି.ଏ. ସଂଖ୍ୟା 4093/1995 ରେ ଗୁଜରାଟ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 15.5.95 ର ରାୟ ଏବଂ ଆଦେଶରୁ ଅପିଲ ।

ଆବେଦନକାରୀଙ୍କ ତରଫରୁ ଏମ୍.ଜେ. ତ୍ରିବେଦୀ ଏବଂ ଏସ୍.ସି. ପଟେଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଉଛି ।

ଆବେଦନକାରୀଙ୍କ ତରଫରୁ ଅଧିବକ୍ତା ସ୍ୱୀକାର କରିଛନ୍ତି ଯେ ସହରାଞ୍ଚଳ ସୀମା ଅଧିନିୟମର ଧାରା 10 (5) ଅନୁଯାୟୀ ଏକ ଅଧିସୂଚନା ପ୍ରକାଶିତ ହୋଇଥିଲା, ଯାହା ଅନୁଯାୟୀ ଅତିରିକ୍ତ ଖାଲି ଜମି ସମର୍ପଣ କରାଯାଇଥିଲା ଏବଂ ସରକାରଙ୍କ ଦ୍ୱାରା ଦଖଲ ନିଆଯାଇଥିଲା । ଫଳସ୍ୱରୂପ, ଏହି ଜମିଟି ରାଜ୍ୟ ଅଧୀନରେ ରହିଛି ଏବଂ ଏଥିରେ କୌଣସି ପ୍ରକାରର ଆଇନଗତ ଦାବି ନାହିଁ । ଜମିକୁ କିଭଳି ଭାବେ ବ୍ୟବହାର କରିବାର ଆବଶ୍ୟକତା ରହିଛି, ତାହା ଏହି ଅଧିନିୟମର ବ୍ୟବସ୍ଥା ଅନୁଯାୟୀ ନିୟମାଧୀନ କରାଯାଇଛି । ଏହି ଅଧିନିୟମ ଅନୁଯାୟୀ ଏପରି କୌଣସି ସର୍ତ୍ତ ନାହିଁ ଯେ ଜମିର ଉପଯୋଗ କରିବା ଆଗରୁ, ପୂର୍ବରୁ ମାଲିକ ଥିବା ଆବେଦନକାରୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ପରିସ୍ଥିତିରେ, ଆମ୍ଭେ ବିଶେଷ ଦେୱାନୀ

ଆବେଦନ ସଂଖ୍ୟା 4093/93 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିନାଙ୍କ ମେ 15, 1995 ରେ ପାରିତ ଆଦେଶରେ କୌଣସି ଅବୈଧତା ପାଉ ନାହୁଁ ।

ତଦନୁସାରେ ବିଶେଷ ଅନୁମତି ଆବେଦନଟି ଖାରଜ ହୋଇଛି ।

ଆର୍. ପି. ଆବେଦନଟିକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**